ଶନିବାର, ୧୧ ଏପ୍ରିଲ, ୨୦୨୬

# ପିଲାଙ୍କ ଧରିତ୍ରୀ

ଜଣା ଅଜଣା



ପ୍ରଚ୍ଛଦ



ପ୍ରିୟ କାର୍ଟୁନ

# ନିଜକୁ ଗଢ଼ିବା ଶିଖ



## ଗପ

ଥରେ ବିଦ୍ୟାଳୟରେ ଗୁରୁଜୀ ପାଠ ପଢ଼ାଉଥିଲେ। କିଛି ପିଲା ଶ୍ରେଣୀରେ ପାଟିତୁଣ୍ଡ କରି ବହୁତ ହଇରାଣ କରୁଥା'ନ୍ତି। ତାଙ୍କୁ ଦେଖି ଗୁରୁଜୀ ରାଗିଯାଇ କକ୍ଷରୁ ବାହାର କରିଦେଲେ। ଯେଉଁ ପିଲାମାନଙ୍କୁ ବାହାରକୁ ବାହାର କରିଦେଲେ, ସେମାନେ ନିଜ ନିଜ ମଧ୍ୟରେ ଦୋଷାରୋପ କରିବାକୁ ଲାଗିଲେ। ପରସ୍ପର ମଧ୍ୟରେ ଏପରି ଝଗଡ଼ା ଗୁରୁଜୀଙ୍କୁ ବହୁତ ବ୍ୟଥିତ କରିଥିଲା। ଭାବିଲେ ଏପରି ହେଲେ ଏମାନଙ୍କ ଭବିଷ୍ୟତ କିପରି ହେବ!

ପରଦିନ ପଢ଼ା ଆରମ୍ଭରୁ ପିଲାମାନଙ୍କୁ ଏକ ଗପ କହିଲେ। ଜାଣିଛ ପିଲେ, ଆର ଗାଁରେ ଦୁଇ ଭାଇ ମିକୁ ଆଉ ଟିକୁ ରହୁଥିଲେ। ଟିକୁ ସହରରେ ରହି କାମ କରି ରୋଜଗାର କରୁଥିବା ବେଳେ ଅନ୍ୟଜଣେ ଗାଁରେ ଅନ୍ୟ ସମସ୍ତ କାର୍ଯ୍ୟ ବୁଝାବୁଝି କରୁଥିଲେ। ଦୁଇ ଭାଇଙ୍କ ମଧ୍ୟରେ ବୁଝାମଣା ଭାରି ଭଲ ଥିଲା। ପାଖରେ ଅପର୍ଯ୍ୟାପ୍ତ ଟଙ୍କା ସହ ସୁନ୍ଦର କୋଠାଘର। ନିଜ ଅଞ୍ଚଳରେ ବେଶ୍ ନାଁ ଥିଲା।

ଥରେ ଦୁଇ ଜଣଙ୍କ ମଧ୍ୟରେ ମତାନ୍ତର ଦେଖାଗଲା। ଗାଁର ଜଣେ ଲୋକର କଥାରେ ଭୁଲ ବୁଝାମଣା ହୋଇ ଦୁଇ ଭାଇଙ୍କ ମଧରେ କଳିଗୋଳ ଆରମ୍ଭ ହୋଇଗଲା। ଦିନ କେଇଟା ଭିତରେ ଦୁଇ ଭାଇଙ୍କ ଭଲ ସଂପର୍କ, ଧନ ଦୌଲତ ସବୁକିଛି ଦୁଇ ଭାଗ ହୋଇଗଲା। ଯେତେ ଚେଷ୍ଟାକଲେ ମଧ୍ୟ ଆଉ ସେ ସମ୍ପର୍କ ସଜାଡ଼ି ହେଲାନାହିଁ।

ଏକଥା କହିସାରି ଗୁରୁଜୀ କହିଲେ, 'ଏ ଗପରୁ କ'ଣ ଶିଖିବାକୁ ପାଇଲ।' କିଛି ପିଲା କହିଲେ– ଏ ସବୁ ସେ ବଡ଼ଭାଇର ଭୁଲ୍। ଆଉ କିଛି ପିଲା କହିଲେ ଏ ସବୁ ସେ ସାନଭାଇର ଭୁଲ୍। ଜଣେ ପିଲା ଛିଡ଼ା ହୋଇ କହିଲା, 'ଗୁରୁଜୀ ଭୁଲ୍ ତ ସେଇଠି ହେଲା, ଯେତେବେଳେ ସେମାନେ ନିଜେ ଅନ୍ୟର ଭୁଲ୍ ଦେଖୁଥିଲେ। ନିଜର ଭୁଲ୍ ଦେଖିବାକୁ ସେମାନଙ୍କ ଶକ୍ତି ନ ଥିବାରୁ ଏପରି ଅବସ୍ଥା ଭୋଗିବାକୁ ପଡ଼ିଲା।'

ଗୁରୁଜୀ ସେ ପିଲାକଥାରେ ସହମତ ଜଣାଇ କହିଲେ, 'ଏହା ହିଁ ସତ୍ୟ। ଆମେ ଯଦି ପରସ୍ପର ମଧ୍ୟରେ ଅନ୍ୟର ଦୋଷ ଦେଖିବା, ତେବେ କିପରି ତାହାକୁ ସମାଧାନ କରିବା। ସବୁବେଳେ ଆମେ ନିଜର ଦୋଷ ତ୍ରୁଟି ଦେଖି ତାହାକୁ ସମାଧାନ କଲେ ତେବେ ଆମେ ଆଗକୁ ବଢ଼ିପାରିବା। ପ୍ରଥମେ ନିଜକୁ ଗଢ଼ି ଶିଖିବା ଦରକାର। ଭଲ ପାଠ ପଢ଼ିବା ସହିତ ଉତ୍ତମ ବ୍ୟବହାର ବି ଦରକାର। ନିଜର କେଉଁଠି ଦୋଷ ତ୍ରୁଟିକୁ ଅନୁଭବ କରି ସୁଧାରି ପାରିଲେ ଆମେ ସଫଳତାର ଶୀର୍ଷରେ ପହଞ୍ଚିପାରିବା।

– **ଅର୍ଜୁନ ଦାସ**
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

## ଖିଲି ଖିଲି ହସ

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ରାହୁଲକୁ ପଚାରିଲେ– ଆକବର କେବେ ପର୍ଯ୍ୟନ୍ତ ଶାସନ କରିଥିଲେ ?
ରାହୁଲ: ସାର୍ ଆକବର ପେଜ୍ ନଂ.୧୪ରୁ ଶାସନ ଆରମ୍ଭ କରି ପେଜ୍ ନଂ.୨୨ ପର୍ଯ୍ୟନ୍ତ ସାରିଥିଲେ।

ଶିକ୍ଷକ : ମୁଁ କାଲି ସୂର୍ଯ୍ୟଙ୍କ ଉପରେ ପଢ଼ାଇବି, କେହି କ୍ଲାସ ବନ୍ଦ କରିବନି!
ଚିଣ୍ଟୁ: ସାର୍, ମୁଁ ଆସିପାରିବିନି।
ଶିକ୍ଷକ: କାହିଁକି ?
ଚିଣ୍ଟୁ: ମୋ, ମା' ମୋତେ ଏତେ ଦୂରକୁ ପଢ଼ିବାକୁ ଛାଡ଼ିବେନି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ସୋୟାବିନ୍ ଖାଉଥିଲେ...



ପିଲାମାନଙ୍କୁ ସାଧାରଣତଃ ସୋୟାବିନ୍ ଖାଇବାକୁ ବହୁତ ଭଲ ଲାଗେ। ତେବେ ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟ ପାଇଁ ଏହାର ଉପାଦେୟତା ସମ୍ପର୍କରେ...

❖ଏଥିରେ ଫାଇବର ଓ ପ୍ରୋଟିନ୍‌ର ମାତ୍ରା ବହୁତ ଅଧିକ ଥାଏ। ତେଣୁ ଏହା ଆମର ଓଜନ ବୃଦ୍ଧି କରିବାକୁ ଦିଏ ନାହିଁ। ପିଲାମାନେ ଏହାକୁ ଖାଇଲେ ମେଦବହୁଳତାର ଶିକାର ହେବାର କୌଣସି ଆଶଙ୍କା ରହି ନ ଥାଏ। ଏହା ସହିତ ପ୍ରୋଟିନ୍‌ର ପରିମାଣ ଅଧିକ ଥିବାରୁ ପିଲାଙ୍କ କୋଷ (ଟିସୁ) ତିଆରି କରିବାରେ ସାହାଯ୍ୟ କରିଥାଏ।

❖ମାଙ୍ଗାନିଜ୍, ଫସ୍‌ଫରସ୍, ଫୋଲେଟ୍ ଓ ଭିଟାମିନ୍ କେ୧ ଭଳି ବହୁ ପୁଷ୍ଟିକର ତତ୍ତ୍ୱ ମଧ ରହିଛି ଏଥିରେ। ଏତେ ସବୁ ଖଣିଜ ପଦାର୍ଥ ଓ ପ୍ରୋଟିନ୍‌ର ପରିମାଣ ଅଧିକ ଥିବାରୁ ଆମିଷ ଖାଦ୍ୟର ବିକଳ୍ପଭାବେ ଏହାକୁ ବ୍ୟବହାର କରିହେବ।

❖ଏଥିରେ ମଧ କ୍ୟାଲ୍‌ସିୟମ୍ ଓ ଭିଟାମିନ୍ କେ ଥିବାରୁ ଏହା ପିଲାଙ୍କ ହାଡ଼କୁ ଶକ୍ତ କରିଥାଏ। ଫଳରେ ଅଷ୍ଟିଓପୋରୋସିସ୍ ଭଳି ରୋଗରୁ ରକ୍ଷା ମିଳିଥାଏ।

❖ସୋୟାବିନ୍‌ରେ ମଧ ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ରହିଛି, ଯାହା ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ଓମେଗା–୩ ଓ ଫ୍ୟାଟି ଏସିଡ୍ ଥିବାରୁ ଏହା ହାର୍ଟ ଓ ଶରୀରର ଅନ୍ୟ ଅଂଶକୁ ମଧ ସୁସ୍ଥ ରଖିଥାଏ।

## ମତାମତ

▸▸ଏଥର 'ଗପ' ସ୍ତମ୍ଭରେ ପ୍ରକାଶିତ 'ବଣମଲ୍ଲୀ' ଶିକ୍ଷଣୀୟ ହୋଇଥିଲା।

– **ସରୋଜ ସାହୁ, ନୟାଗଡ଼**

▸▸ଗତ ସପ୍ତାହରେ ପ୍ରଚ୍ଛଦରେ ପ୍ରକାଶିତ ରଫ୍‌ଖାତା ଲେଖାଟି ଖୁବ୍ ଭଲ ଲାଗିଲା।

**–ସଲିମ୍ ଖାନ୍**
**ସୁନ୍ଦରପଦା, ଭୁବନେଶ୍ୱର**

▸▸ଗତ ସପ୍ତାହରେ 'କବିତା' ସ୍ତମ୍ଭରେ ପ୍ରକାଶିତ କବିତାଗୁଡ଼ିକ ବେଶ୍ ମନଛୁଆଁ ହେଉଛି।

**–ରଞ୍ଜନ ମହାନ୍ତି, ସୁନାବେଡ଼ା**

▸▸'କହିଲ ଦେଖି' ସ୍ତମ୍ଭଟି ଶିକ୍ଷଣୀୟ ହୋଇପାରୁଛି।

**–ମାମୁନି ସାହୁ, ବ୍ରହ୍ମପୁର**

## ସୂଚନା

ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ଛବି ଦେଖି ଗପ ଲେଖ ଏବଂ ରଙ୍ଗ ଦିଅ ଏବଂ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ରଙ୍ଗ ଦିଅ



## ଛବି ଦେଖି ଗପ ଲେଖ



ଏହି ଚିତ୍ରଟିକୁ ଦେଖି ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଏକ ଗପ ଲେଖି ଆମ ପାଖକୁ ପଠାନ୍ତୁ। ଯୋଗ୍ୟ ବିବେଚିତ ଲେଖା ଆସନ୍ତା ସଂସ୍କରଣରେ ସ୍ଥାନ ପାଇବ।

ପରୀକ୍ଷା ରେଜଲ୍ଟ ବାହାରିବା ପରେ କିଛି ଦିନ ଛୁଟି ଆଉ ଏବେ ପୁଣି ଥରେ ଖୋଲିଯାଇଛି ସ୍କୁଲ। ପିଲାମାନେ ନୂଆ କ୍ଲାସରେ ଯୋଗ ଦେଇ ପାଠପଢ଼ାକୁ ଆଗେଇ ନେବେ। ତେବେ ଏହି ସମୟରେ କେଉଁ କେଉଁ ବିଷୟ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ସେ ସମ୍ପର୍କରେ ସୂଚନା....




# ସ୍କୁଲ ଖୋଲିବା ପରେ...

ପିଲାଏ, ଏବେ ତ ସ୍କୁଲ ଖୋଲିଗଲାଣି। ନୂଆ କ୍ଲାସରେ ନୂଆ ପାଠ– ଏହାକୁ ନେଇ ତୁମମାନଙ୍କ ମନରେ ନିଶ୍ଚୟ ଉତ୍ସୁକତା ରହିଥିବ। ତେବେ ପାଠପଢ଼ା କ୍ୟାରିୟର ଏହି ନୂଆ ପାହାଚରେ ପାଦ ଦେବା ପରେ ତାକୁ ନେଇ ଅନେକ ଆଶା ତ ରହିଛି। ଏଥର ନିଜ କ୍ୟାରିୟରକୁ କିପରି ଆଗେଇ ନେବେ ସେ ନେଇ କେତେକ ନିଜକୁ ପ୍ରସ୍ତୁତ କରିସାରିବେଣି। ନୂଆ କ୍ଲାସ ଆଉ ନୂଆ ପାଠକୁ ନେଇ କେତେକଙ୍କ ମନରେ ଶଙ୍କା ବି ରହିଥିବ। ତେଣୁ ପ୍ରଥମେ ମନରୁ ଏଭଳି ଧାରଣା ଦୂର କରନ୍ତୁ। ଯେତେ ଉପର କ୍ଲାସକୁ ଯିବ ସେତେ ପାଠର ଭାର ବଢ଼ି ବଢ଼ି ଯିବ। ନୂଆ ବିଷୟଗୁଡିକୁ ନେଇ ଟେନସନ ନେବା ଠିକ୍ ନୁହେଁ। ସ୍କୁଲରେ ପାଠ ପଢ଼ା ସମୟରେ ମନକୁ ପାଠରେ କେନ୍ଦ୍ରିତ ରଖିବା ଦରକାର। କେତେକ ଟ୍ୟୁଶନ ଆରମ୍ଭ କରିସାରିଲେଣି। ତେଣୁ ଏହି ସମୟରେ ନିଜ କ୍ୟାରିୟରକୁ କିପରି ଆଗେଇ ନେବେ ସେ ବିଷୟରେ ନିମ୍ନଲିଖିତ ଟିପ୍ସକୁ ଅନୁସରଣ କରିପାରନ୍ତି।

➔ପ୍ରଥମେ ଏକ ଡେଲି ରୁଟିନ୍ ପ୍ରସ୍ତୁତ କରି କେଉଁ ସମୟରେ କ'ଣ ପଢ଼ିବେ ସେ ନେଇ ସମୟ ନିର୍ଘଣ୍ଟ ତିଆରି କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ କରିବାକୁ ଭୁଲନ୍ତୁ ନାହିଁ।

➔ସ୍କୁଲ ରୁଟିନ୍ ବିଷୟରେ ସଚେତନ ରୁହନ୍ତୁ।

➔ନୂଆ ପାଠ ଆରମ୍ଭ କରିବା ପୂର୍ବରୁ ଏଥିନେଇ ମାନସିକ ସ୍ତରରେ ପ୍ରସ୍ତୁତ ହେବା ନିହାତି ଦରକାର।

➔ନୂଆ ସେସନ୍ ଆରମ୍ଭରୁ ସମୟ ପ୍ରତି ସଚେତନ ରୁହନ୍ତୁ। ପାଠ ପାଇଁ ଯେଉଁ ସମୟ ଠିକ୍ କରିଛନ୍ତି ତାହା ଯେମିତି ଅନ୍ୟ କାମ ଦ୍ୱାରା ପ୍ରଭାବିତ ନ ହୁଏ ।

➔ଏବେ ସ୍କୁଲରେ ନୂଆ କ୍ଲାସରେ ଏକ ନୂଆ ପରିବେଶକୁ ନେଇ ଦ୍ୱନ୍ଦ୍ୱରେ ପଡନ୍ତୁ ନାହିଁ।

➔ସ୍କୁଲରେ ନିଜ ଅନ୍ତରଙ୍ଗ ସାଙ୍ଗମାନଙ୍କ ସହ କ୍ଲାସ ବିଷୟରେ ଆଲୋଚନା କରିପାରିବେ। ଏ ନେଇ ମନରେ ଉଠୁଥିବା କେତେକ ପ୍ରଶ୍ନର ସମାଧାନ ଆପେ ହୋଇଯିବ।

➔ କ୍ଲାସ ବିଷୟରେ ଯଦି ମନରେ କିଛି ଆଶଙ୍କା ରହିଛି ତେବେ କ୍ଲାସ ଟିଚର ଏବଂ ଅନ୍ୟ ସହଯୋଗୀ ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ।

➔ଘର ହେଉ କି ସ୍କୁଲ୍ ପାଠ ପଢ଼ିବା ସମୟରେ ମନକୁ ସବୁବେଳେ ହାଲୁକା ରଖନ୍ତୁ। ଅବସର ସମୟରେ ଖେଳନ୍ତୁ।



## ଏମାନେ କ'ଣ କରନ୍ତି...



### ମାନସିକ ସ୍ତରରେ ପ୍ରସ୍ତୁତ ଅଛି

ଏବେ ମୋର ନବମ ଶ୍ରେଣୀ ହେଲା। ଆସନ୍ତା ବର୍ଷ ମାଟ୍ରିକ ପରୀକ୍ଷା। ଯେହେତୁ ଏବେ ଏକ ନୂଆ କ୍ଲାସରେ ବସିବି ଏବଂ ନୂଆ ପାଠ ପଢ଼ିବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଛି। ଏବେ ଠାରୁ ମୋତେ ମନ ସ୍ଥିର କରି ପଢ଼ିବାକୁ ପଡିବ। ସବୁବେଳେ ରୁଟିନ୍ ଅନୁସାରେ ପାଠ ପଢ଼େ। ଏବେ ତ ସ୍କୁଲ ସକାଳୁଆ ହେଉଛି। ମାତ୍ର ୨–୩ ଘଣ୍ଟା ସ୍କୁଲ ଯିବାକୁ ପଡୁଛି। ସେଠାରେ ଯାହା ପଢ଼ା ହେଉଛି ତାହାକୁ ଘରକୁ ଆସି ପୁଣି ଥରେ ଭଲ ଭାବରେ ପଢୁଛି। ଆଉ କେଇ ସପ୍ତାହ ପରେ ଗ୍ରୀଷ୍ମ ଛୁଟି ହୋଇଯିବ। ତେଣୁ ସେହି ସମୟରେ ବର୍ତ୍ତମାନ ସ୍କୁଲରେ ପଢ଼ାଯାଉଥିବା ପାଠଗୁଡିକୁ ଭଲ ଭାବେ ରିଭିଜନ କରିବାକୁ ସୁଯୋଗ ମିଳିବ। ନୂଆ କ୍ଲାସକୁ ନେଇ ମନରେ ତ ଅନେକ ଆଶା ରହିଛି। ଗତ କ୍ଲାସ ଭଳି ଏଥର ମଧ୍ୟ ଭଲ ନମ୍ବର ରଖିବାକୁ ନିଶ୍ଚୟ ଚେଷ୍ଟା କରିବି।

**–ଦେବାଶିଷ କର,**
*କ୍ଲାସ–୯, ବ୍ରହ୍ମଗିରି ଉଚ୍ଚ ବିଦ୍ୟାଳୟ, ପୁରୀ*

### ଅନେକ ଆଶା ରହିଛି



କିଛି ଦିନ ହେବ ସ୍କୁଲ ଖୋଲିଛି। ଅଳ୍ପ ଦିନ ଛୁଟି ପରେ ପୁଣି ଥରେ ପାଠପଢ଼ା ଆରମ୍ଭ ହୋଇଛି। ନୂଆ କ୍ଲାସ, ନୂଆ ପାଠ–ଏହାକୁ ନେଇ ଏବେ ମୋତେ ଆଗେଇବାକୁ ପଡିବ। ନୂଆ କ୍ଲାସର ପାଠପଢ଼ାକୁ ନେଇ ପ୍ରଥମେ ଟିକେ ଟେନସନରେ ଥିଲି। ହେଲେ ସ୍କୁଲରେ ସାଙ୍ଗମାନଙ୍କ ସହ ମିଶିବା ପରେ ତାହା ଦୂର ହୋଇଛି। ମୁଁ ଏବଂ ମୋର କେତେଜଣ ସାଙ୍ଗ ଆମେ ଏକାଠି ପ୍ଲାନିଂ କରି ପାଠ ପଢୁ। ଯେହେତୁ ଗୋଟିଏ ସ୍କୁଲରେ ପଢୁଛୁ ଏବଂ ଏକାଠି ମିଶି ଟ୍ୟୁଶନ ଯାଉଛୁ ତେଣୁ ଆମ ଭିତରେ ପାଠପଢ଼ାକୁ ନେଇ ଏକତା ରହିଛି। ନୂଆ କ୍ଲାସ ବିଷୟରେ ଆମେ ମିଳିତ ହୋଇ କଥା ହୋଇସାରିଛୁ। ସ୍କୁଲରେ ସାର୍ ଯାହା ପଢ଼ାଉଛନ୍ତି ତାହାକୁ ଅନୁସରଣ କରୁଛି। କିଛି ସମସ୍ୟା ଦେଖାଦେଲେ ସାର୍‌ଙ୍କ ସହ ଆଲୋଚନା କରୁଛି। ତେଣୁ ନୂଆ ପାଠକୁ କିପରି ଆଗେଇ ନେବି ଏବଂ ଶେଷରେ ରେଜଲ୍ଟ ଭଲ ହେବ ଏଥିପାଇଁ ନିଜକୁ ପ୍ରସ୍ତୁତ କରିସାରିଛି।

***–ମିତାଲି ଘୋଷ,*** କ୍ଲାସ–୧୦, କଳିକା ନାରାୟଣୀ ବିଦ୍ୟାପୀଠ, *କେରାଣ୍ଡିପୁର, ପୁରୀ*

### ମନରୁ ଦ୍ୱନ୍ଦ୍ୱ ଦୂର ହେଲା



ନୂଆ କ୍ଲାସ ଆରମ୍ଭ ହେବା ପୂର୍ବରୁ ମୋ ମନରେ ଅନେକ ଦ୍ୱନ୍ଦ୍ୱ ଥିଲା। କିନ୍ତୁ ନିକଟରେ ଯେଉଁଦିନ ନୂଆ କ୍ଲାସରେ ବସିଲି ଆଉ ସାଙ୍ଗସାଥୀଙ୍କ ସହ ମିଶିଲି ସେତେବେଳେ ମନରେ ଥିବା କେତେକ ପ୍ରଶ୍ନଗୁଡିକର ଉତ୍ତର ଆପେ ଆପେ ମିଳିଯାଇଥିଲା। ନୂଆ କ୍ଲାସକୁ ନେଇ କ୍ଲାସ ଟିଚରଙ୍କୁ ଭେଟିଥିଲି। ସେ ମୋତେ କିପରି ପ୍ରସ୍ତୁତ ହେବାକୁ ପଡିବ ସେ ବିଷୟରେ କେତୋଟି ଟିପ୍ସ ମଧ୍ୟ ଦେଲେ। ଆଉ ସେଗୁଡିକୁ ଗୋଟି ଗୋଟି ନିଶ୍ଚୟ ଅନୁସରଣ କରିବି।

**–ତନ୍ମୟୀ ମଧୁଲିକା**
କ୍ଲାସ–୭, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

# ପୃଥିବୀର ସର୍ବବୃହତ୍














**ଗଛ:** କାଲିଫର୍ନିଆର ସିକୋଇୟା ନାଶନାଲ ପାର୍କରେ ଥିବା ଦି ଜେନେରାଲ ଶେରମାନ୍(ସିକୋଇୟା ଗଛ) ହେଉଛି ପୃଥିବୀର ସବୁଠୁ ବଡ ଏବଂ ବଞ୍ଚିଥିବା ଗଛ। ଏହାର ବୟସ ପ୍ରାୟ ୨,୨୦୦ରୁ ୨,୭୦୦ବର୍ଷ ହୋଇଥିବା ବେଳେ ଉଚ୍ଚତା ପ୍ରାୟ ୨୭୫ ଫୁଟ୍ ଏବଂ ବ୍ୟାସ ୩୬ ଫୁଟ୍।

**ହ୍ରଦ:** ଏସିଆ ଏବଂ ୟୁରୋପ ଦୁଇ ମହାଦେଶ ମଧ୍ୟରେ ଥିବା ୩୭୧,୦୦୦ରୁ ୩୮୬,୪୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ କାସ୍ପିଆନ୍ ହ୍ରଦ ହେଉଛି ପୃଥିବୀର ସର୍ବବୃହତ୍ ହ୍ରଦ। ୧୦୨୫ ମିଟର ଗଭୀରତା ବିଶିଷ୍ଟ ଏହି ହ୍ରଦର ପାଣି କ୍ଷାରୀୟ।

**ମରୁଭୂମି:** ଆଣ୍ଟାର୍କଟିକା ମହାଦେଶରେ ଥିବା ଆଣ୍ଟାର୍କଟିକ୍ ମରୁଭୂମି ହେଉଛି ପୃଥିବୀର ସବୁଠୁ ବଡ ଏବଂ ଥଣ୍ଡା ମରୁଭୂମୀ। ଏହାର କ୍ଷେତ୍ରଫଳ ପ୍ରାୟ ୧୪୨ଲକ୍ଷ ବର୍ଗ କିଲୋମିଟର। ପୃଥିବୀର ଦକ୍ଷିଣ ମେରୁରେ ଥିବା ଏହି ମରୁଭୂମିର ସର୍ବନିମ୍ନ ତାପମାତ୍ରା -୮୯ଡିଗ୍ରୀ ସେଲ୍‌ସିୟସ୍।

**ଜଳପ୍ରପାତ:** ଜାମ୍ବିଆ ଏବଂ ଜିମ୍ବାୱେ ଦୁଇ ଦେଶ ସୀମା ଦେଇ ବହି ଯାଉଥିବା ଜାମ୍ବେଜି ନଦୀର ଠିକ୍ ମଧ୍ୟ ଭାଗରେ ରହିଛି ୧୭୦୮ ମିଟର ଚଉଡା ଏବଂ ୧୦୮ ମିଟର ଉଚ୍ଚତା ବିଶିଷ୍ଟ ପୃଥିବୀର ସବୁଠୁ ବଡ ଜଳପ୍ରପାତ ଭିକ୍ଟୋରିଆ। ପୃଥିବୀର ପ୍ରାକୃତିକ ସପ୍ତମ ଆଶ୍ଚର୍ଯ୍ୟ ମଧ୍ୟରେ ଏହାର ନାମ ଥିବା ବେଳେ ୟୁନେସ୍କୋର ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ମଧ୍ୟ ଏହା ସ୍ଥାନ ପାଇଛି।

## ପ୍ରିୟ କାର୍ଟୁନ୍



# ଡୋନାଲ୍ଡ ଡକ୍

ପିଲାମାନେ ଡୋନାଲ୍ଡ ଡକ୍ କାର୍ଟୁନ୍ ପ୍ରୋଗ୍ରାମ ଦେଖିବା ବେଳେ ତା'ର କହିବା ଓ ଚାଲିବା ଶୈଳୀ ଖୁବ୍ ମଜାଦାର ଲାଗିଥାଏ ନା ! ତୁମ ଭିତରୁ କେହି କେହି ତା' ଭଳି କଥା କହିବାକୁ ବି ଚେଷ୍ଟା କରିଥିବ। ତେବେ ତୁମେ ଜାଣିଛ ୱାଲ୍ଟ ଡିଜ୍‌ନୀ ଦ୍ୱାରା ନିର୍ମିତ ଏହି ପ୍ରସିଦ୍ଧ କାର୍ଟୁନ୍ ଚରିତ୍ରକୁ ଡିକ୍ ଲୁଣ୍ଡୀ ଆନିମେଟ୍ କରିଥିଲେ। 'ଦି ୱାଇଜ୍ ଲିଟିଲ୍ ହେନ୍' ନାମକ ଏକ କାର୍ଟୁନ୍ ଫିଲ୍ମରେ ୧୯୩୪ ମସିହା ଜୁନ୍ ୯ ତାରିଖରେ ଡୋନାଲ୍ଡ ପ୍ରଥମଥର ଲୋକ ଲୋଚନକୁ ଆସିଥିଲା। ଧିରେ ଧିରେ ଏହାର ଲୋକପ୍ରିୟତା ଏତେ ବଢିବାରେ ଲାଗିଲା ଯେ, ଏହାର ଅନେକ କାର୍ଟୁନ୍ ଫିଲ୍ମ ଏବଂ ସିରିଜ୍ ନିର୍ମିତ ହେଲା। ୧୯୪୩ରେ ଡେର୍ ଫୁଏରର୍ସ ଫେସ୍ କାର୍ଟୁନ୍ ଫିଲ୍ମ ପାଇଁ ଡୋନାଲ୍ଡକୁ ଓସ୍କାର ପୁରସ୍କାର ମଧ୍ୟ ମିଳିଲା। ପ୍ରତି ବର୍ଷ ଜୁନ୍ ୯ରେ ନାଶନାଲ୍ ଡୋନାଲ୍ଡ ଡକ୍ ଡେ' ପାଳନ କରାଯାଏ। ଆରମ୍ଭରୁ ୫୦ ବର୍ଷ ଅର୍ଥାତ୍ ୧୯୮୫ ପର୍ଯ୍ୟନ୍ତ ଏହା ପାଇଁ କ୍ଲାରେନ୍ସ ନାଶ୍ ଭଏସ୍ ଦେଉଥିଲେ। ସେବେଠୁ ବର୍ତ୍ତମାନ ପର୍ଯ୍ୟନ୍ତ ଡୋନାର୍ଲ୍ଡର ଭଏସ୍ ଟୋନି ଆନ୍‌ସେଲ୍ମୋ ଦେଇ ଆସୁଛନ୍ତି।

## ଅଜବ ଖାଦ୍ୟ

# ପଚା ସାର୍କରେ ପ୍ରସ୍ତୁତ ହାକାର୍ଲ


**ସୁସ୍ଥ ରହିବା ଲାଗି ସୁଷମ ଖାଦ୍ୟ ଖାଇବା ଜରୁରୀ। ଏକଥା ଆମେ ସମସ୍ତେ ଜାଣିଛେ। ହେଲେ ପିଲାମାନେ ତୁମେ ଜାଣିଲେ ଆଶ୍ଚର୍ଯ୍ୟ ହେବ ଯେ, ଆଇସ୍‌ଲାଣ୍ଡରେ ହାକାର୍ଲ ନାମକ ଏଭଳି ଏକ ଅଜବ ଖାଦ୍ୟର ଚାହିଦା ରହିଛି, ଯାହାକି ନା ପାଟିକୁ ସ୍ୱାଦିଷ୍ଟ ନା ଶରୀର ପାଇଁ ହିତକର ...**



ଆଇସ୍‌ଲାଣ୍ଡର ଏକ ବେଶ୍ ଲୋକପ୍ରିୟ ଖାଦ୍ୟ ହେଉଛି ହାକାର୍ଲ। ଏହା ଏମିତି ଏକ ଖାଦ୍ୟ ଯାହାକୁ ପ୍ଲେଟ୍‌ରେ ରଖିଲେ ବି ଗନ୍ଧରେ ରହିବା କଷ୍ଟ ହୋଇପଡ଼େ। କାରଣ ଏହା ପ୍ରସ୍ତୁତ ହୋଇଥାଏ ପଚା ସାର୍କ ମାଛରେ। ପୂର୍ବରୁ ଏହାକୁ ପ୍ରସ୍ତୁତ କରିବା ପାଇଁ ସାର୍କମାଛକୁ ଏକ ଖାଲ ଭିତରେ ରଖି ଏହା ଉପରେ ବାଲି ଘୋଡ଼ାଇ ଦିଆଯାଉଥିଲା ଏବଂ ଉପରେ ପଥର ରଖି କିଛିମାସ ପର୍ଯ୍ୟନ୍ତ ପଚିବାକୁ ଛାଡ଼ି ଦିଆଯାଉଥିଲା। ବର୍ତ୍ତମାନ ଏହାକୁ ପଚାଇବା ପାଇଁ ୪-୫ ମାସ ଟଙ୍ଗାଇ ରଖାଯାଉଛି। ପରେ ଏହାକୁ ଶୁଖାଇ ଛୋଟ ଛୋଟ କାଟି ଖାଇବାକୁ ଦିଆଯାଇଥାଏ।


## ମ୍ୟାଥ୍ ପଜଲ୍

### ଏଥରର ପ୍ରଶ୍ନ





### ଗତ ସପ୍ତାହର ଉତ୍ତର

୧୨



**ଉତ୍ତରଦାତା-** ସୋନମ୍‌ପ୍ରିୟା ପଣ୍ଡା, କ୍ଲାସ୍- ୯, ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ୍, ଛତ୍ରପୁର, ଗଞ୍ଜାମ

## ନିଜ ଠିକଣା ଭୁଲିଯାଉଥିଲେ ଆଇନଷ୍ଟାଇନ୍



ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଜୀବନୀକୁ ନେଇ ଅନେକ ମଜାଦାର କାହାଣୀ ରହିଛି। ଅତ୍ୟନ୍ତ ବୁଦ୍ଧିମାନ୍ ଓ ବିଦ୍ୱାନ ହୋଇଥିଲେ ହେଁ ସେ ଅନେକ କଥା ଭୁଲି ଯାଉଥିଲେ। ଦିନକର କଥା, ସେ ୟୁନିଭର୍ସିଟିରୁ ଘରକୁ ଫେରିବା ଲାଗି ଏକ ଟ୍ୟାକ୍ସିରେ ବସିଲେ। ଡ୍ରାଇଭର୍ ତାଙ୍କୁ କେଉଁଠାକୁ ଯିବେ ପଚାରିବାରୁ ସେ ନିଜ ଠିକଣା ମଧ୍ୟ ଭୁଲିଯାଇଥିଲେ। ଡ୍ରାଇଭର ପୁଣି ପଚାରିବାରୁ ସେ ଉତ୍ତରରେ କହିଲେ ତୁମେ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଘର ଦେଖିଛ ? ସେତେବେଳେ ଜଣେ ବିଶିଷ୍ଟ ବୈଜ୍ଞାନିକ ଭାବେ ସେ ବେଶ୍ ଜଣାଶୁଣା ହୋଇସାରିଥିଲେ। ତେଣୁ ଡ୍ରାଇଭର୍ କହିଲେ ହଁ ମୁଁ ଦେଖିଛି, ଆପଣ ତାଙ୍କୁ ଦେଖା କରିବାକୁ ଚାହୁଁଛନ୍ତି ଯଦି ସେଠାରେ ପହଞ୍ଚାଇଦେବି। ଘରେ ପହଞ୍ଚିବା ପରେ ଆଇନ୍‌ଷ୍ଟାଇନ୍ ଡ୍ରାଇଭରଙ୍କୁ ନିଜ ପରିଚୟ ଦେଇଥିଲେ। ଏକଥା ଜାଣିବା ପରେ ଡ୍ରାଇଭର୍ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

**ସୂଚନା:** ଏହି ପୃଷ୍ଠାରେ ଦିଆଯାଇଥିବା ମ୍ୟାଥ୍ ପଜଲ୍‌ର ଉତ୍ତର ଓ ବିନ୍ଦୁ ଯୋଡ଼ି ରଙ୍ଗ କରି ଆମ ପାଖକୁ ପଠାନ୍ତୁ। ଠିକ୍ ଉତ୍ତର ଦେଇଥିବା ବିଜେତାଙ୍କ ନାମ, ଠିକଣା ଓ ଫଟୋ ଆଗାମୀ ସପ୍ତାହରେ ପ୍ରକାଶ ପାଇବ। ଆମ ଠିକଣା-dharitrifeature@gmail.com

## ବିନ୍ଦୁ ଯୋଡ଼




### ଗତ ଥରର ବିଜେତା



- ଉପାୟନା ବେହେରା, କ୍ଲାସ-୮, ଓଡିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ, ଖୋର୍ଦ୍ଧା





କ ବି ତା

## ଫୁଲ

ସଞ୍ଜ, ସକାଳରେ ଶୋଭଇ
ଧରଣୀ ଉପବନେ
ସତେ କି ରଙ୍ଗର ତୂଳୀରେ
ପୁଲକିତ ଭୁବନେ।
ସୁବାସିତ ହୁଏ ଧରଣୀ
ଜନ, ମନ ଆନନ୍ଦେ
ଖେଳନ୍ତି ଶିଶୁଏ ସାନନ୍ଦେ
ବିଭୁ ସ୍ମରଣ ହୃଦେ।
ଠାକୁରଙ୍କ ପ୍ରିୟ କୁସୁମ
ଶୋଭେ ମଠ, ମନ୍ଦିରେ
ବିଦ୍ୟମାନ ହୁଏ ବିଭିନ୍ନ,
ଭିନ୍ନ ଋତୁ ପ୍ରକାରେ।
ପ୍ରଜାପତି ଉଡି ବୁଲନ୍ତି
ମକ୍ଷି ମଧୁ ଲୋଡ଼ନ୍ତି
ବାଳିକାଏ ଶିରେ ଘେନନ୍ତି
ଶୋହେ କୁମାରୀ କାନ୍ତି।
ଫୁଲ ନାମେ ପରିଚିତ ସେ
ଭିନ୍ନ ଭିନ୍ନ ନାମର
ଲାଗଇ ବିଭିନ୍ନ ରୂପେ ସେ
ତୈଳ, ଧୂପ, ଅତର।

**–ଅନନ୍ୟା ଷଡ଼ଙ୍ଗୀ**
କ୍ଲାସ୍‌-୧୦, ମୋ:୯୬୬୮୬୬୩୪୩୪

## ଓଡ଼ିଆ ନୂଆ ବରଷ

ଆସିଛି ଓଡ଼ିଆ ନୂଆ ବରଷ,
ପାଳିବା ଆମେରେ ହୋଇ ହରଷ।
ପଣା ସଂକରାନ୍ତି ନାମରେ ଖ୍ୟାତ,
ଜନମି ଥିଲେ ସେ ପବନ ସୁତ।
ପାଳିବା ପରବ ପଣାକୁ ପିଇ,
ପଣା ପରି ଚିଜ ଜଗତେ ନାହିଁ।
ପଣା ପାଇଁ ଲୋଡ଼ା ବେଲ ନଡ଼ିଆ,
କଦଳୀ ସାଥିରେ ଭାରି ବଢ଼ିଆ।
ଗୋଲମରିଚର ଗୁଣ୍ଡ ପକେଇ,
ମିଠା ବୁନ୍ଦି ଦହି ଦେବା ମିଶେଇ।
ବେଲପଣା ପରା ହିତ ଦେହକୁ,
ନଥିବ ନିଦାଘ ଭୟ ମନକୁ।
ବାଣ୍ଟି ଦେବା ପଣା ସାଇଭାଇଙ୍କୁ,
ମନେ ରଖି ସଦା ଭାଇଚାରାକୁ।
ଗରବେ କହିବା ଆମେ ଓଡ଼ିଆ,
ଆମ ପରମ୍ପରା କେଡ଼େ ବଢ଼ିଆ।

**– ପ୍ରଶାନ୍ତ କୁମାର ସାହୁ**
ମୋ: ୯୭୭୭୦୯୦୦୫୬

## ପାଳିବା ଆସ

ପାଶ୍ଚାତ୍ୟ ସଭ୍ୟତା ଆମ ମନର ଭ୍ରାନ୍ତି
ଓଡ଼ିଆଙ୍କ ନବବର୍ଷ ପଣା ସଂକ୍ରାନ୍ତି
ହୋଇ ହରଷେ ପାଳିବା ଆସ
ସୂର୍ଯ୍ୟ ଆଜିଠାରୁ ଯିବେ ବିଷୁବ କ୍ରାନ୍ତି।
ବୀର ହନୁମାନଙ୍କର ଜନମ ଦିନ
ଓଡ଼ିଆଙ୍କ ଘରେ ପର୍ବ ହୁଏ ପାଳନ
ଅଞ୍ଜନା ସୁତ ଶ୍ରେଷ୍ଠ ଭକତ
ଶ୍ରୀରାମଙ୍କ ପାଦପଦ୍ମେ ଥିଲା ଯା' ମନ।
ନାନାଦି ସୁସ୍ୱାଦୁ ଫଳ ଭୋଗ କରିବା
ବେଲ ପଣା ପିଇ ଆମ ପେଟ ଭରିବା
ପାଦେ ପଡିବା ହାତ ଯୋଡ଼ିବା
ପ୍ରଭୁଙ୍କ କୃପାରୁ ଭବାର୍ଣ୍ଣବ ତରିବା।

**– ଜଗଦୀଶ ସାହୁ**
ମୋ: ୯୦୭୮୧୮୫୬୧୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ୮୭ ବର୍ଷରେ କାଇଟ୍ ସର୍ଫିଂ

କାଇଟ୍ ସର୍ଫିଂ୍ ଏକ ବିପଦପୂର୍ଣ୍ଣ ଦୁଃସାହସିକ ଖେଳ କହିଲେ ଭୁଲ ହେବ ନାହିଁ। କିନ୍ତୁ ଏହି ପ୍ରକାରର ଖେଳକୁ ସାଧାରଣତଃ ଯୁବପିଢି ହିଁ ଅଧିକ ପସନ୍ଦ କରିଥାନ୍ତି। କିନ୍ତୁ ୮୭ ବର୍ଷ ବୟସରେ ଏହି ଖେଳକୁ ବେଶ୍ ସହଜରେ କରିପାରୁଛନ୍ତି ରିକ୍ ବ୍ରାକିନ୍ସ। ଆମେରିକାର ଏହି ବ୍ୟକ୍ତି ଜଣକ ଏଥିପାଇଁ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଆଉ କାଇଟ୍ ସର୍ଫିଂ୍ କ୍ଷେତ୍ରରେ ସେ ସବୁଠୁ ବୟସ୍କ ବ୍ୟକ୍ତିଭାବେ ଗିନିଜ୍ ରେକର୍ଡରେ ବି ସ୍ଥାନ ପାଇଛନ୍ତି। ତେବେ ଏତେ ଅଧିକ ବୟସରେ ବି ସେ ନିୟମିତ ଏହି ଖେଳର ଅଭ୍ୟାସ ରଖିଛନ୍ତି। ଏମିତିକି ତାଙ୍କୁ ଏହି ପ୍ରକାରର ଖେଳରେ ଖୁବ୍ ମଜା ଆସିଥାଏ ବୋଲି ସେ କହନ୍ତି। କେବଳ ଏଇ ଆଗ୍ରହ ପାଇଁ ତାଙ୍କ ପାଖରେ ବୟସ ହାର୍ ମାନିଛି ଓ ସେ ଅନାୟାସରେ ଏଥି ନିମନ୍ତେ ପ୍ରସ୍ତୁତ ହୋଇଯାନ୍ତି। ତେବେ ରିକ୍‌ଙ୍କ ପୂର୍ବରୁ ଆମେରିକାର ସୁଶାନ୍ ଫ୍ରିଡେର୍ ୭୭ ବର୍ଷ ପର୍ଯ୍ୟନ୍ତ କାଇଟ୍ ସର୍ଫିଂ୍ ଏପରି ରେକର୍ଡ କରିଥିଲେ। ତେବେ ଜାପାନର ସେଇଚି ନାନୋ ସବୁଠୁ ବୟସ୍କ ବ୍ୟକ୍ତିଭାବରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି।

## ଏଥରର ?

- ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ?
- ଭାରତର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ?
- ଭାରତର ପ୍ରଥମ ମହିଳା ରାଜ୍ୟପାଳ ?
- ଭାରତର ପ୍ରଥମ ମହିଳା ରେଳମନ୍ତ୍ରୀ ?
- ଭାରତର ପ୍ରଥମ ମହିଳା ଆଇଏଏସ୍ ?

## ଗତଥରର ଉତ୍ତର

- ସାରଳାଦାସ
- ଜଗନ୍ନାଥ ଦାସ
- ମଧୁସୂଦନ ରାଓ
- ଫକୀର ମୋହନ ସେନାପତି
- ମହାତ୍ମା ଗାନ୍ଧୀ

## କହିଲ ଦେଖି



ବୈଶାଖରେ ସେହି ଯାତ ଆସଇ
ଦେବଦେବୀ ପାଶେ ପଣା ଲାଗଇ
ଜଳନ୍ତା ନିଆଁରେ ପାଟୁଆ ଚାଲେ
ସେ ଦୃଶ୍ୟ ପରାଣୁ କେବେ ନ ଭୁଲେ
ଆମ ନୂଆବର୍ଷ ସିଏ
ବୃନ୍ଦାବତୀ ଶିରେ ବସନ୍ତରା ଝୁଲେ
କୁହତ ତା'ନାମ କିଏ ?

ଉତ୍ତର– **ପଣା ସଂକ୍ରାନ୍ତି**



ପଣା ସଂକରାନ୍ତି ଯେବେ ଆସଇ
ଭୋଗ ପାଇଁ ସିଏ ଖୋଜା ପଡ଼ଇ
ବୁଟ ଗହମ ଓ ଯଅକୁ ଭାଜି
ଗୁଣ୍ଡକରି ତାକୁ ରଖନ୍ତି ଖଞ୍ଜି
ନଡ଼ିଆ କଦଳୀ ଗୁଡ଼ ସହିତ
ଦେବଦେବୀ ପାଶେ ଭୋଗ ସେ ଲାଗଇ
ଏବେ କୁହ ତା'ର ନାମଟି ମିତ !

ଉତ୍ତର– **ଛତୁଆ**



ଶକ୍ତିପୀଠ ସିଏ ରାଇଜେ ଖ୍ୟାତ
ଝାମୁ ଯାତ ପାଇଁ ସିଏ ପ୍ରସିଦ୍ଧ
ବୈଶାଖ ଖରାକୁ ତିଳେ ନ ଡରି
ଆସନ୍ତି ଶ୍ରଦ୍ଧାଳୁ ଭକତି ଭରି
ନିଆଁରେ ଚାଲନ୍ତି ପାଟୁଆ ଭାଇ
ପବିତ୍ର ଝଙ୍କଡେ ସେ ପବିତ୍ର ପୀଠ
କହି ପାରିବକି ତା'ନାମ କେହି ?

ଉତ୍ତର– **ମା' ଶାରଳା ପୀଠ**



ପଣା ସଂକ୍ରାନ୍ତିରେ ଲାଗଇ ପଣା
ନୂଆବର୍ଷ ବୋଲି ଉତ୍କଳେ ଜଣା
ସେହିଦିନ ଜଗନ୍ନାଥଙ୍କ ପାଶେ
ନୂଆ ଶାସ୍ତ୍ରଟିର ଚଳନି ଦିଶେ
ପର୍ବପର୍ବାଣି ଓ ବିବାହ ବ୍ରତ
ସେ ଶାସ୍ତ୍ରରେ ଥାଏ ସବୁ ବର୍ଣ୍ଣିତ
ପବିତ୍ର ପୁସ୍ତକଟିଏ
ଦୋଳ ପୂନେଇଁରେ ତା'ପୂଜା ହୁଅଇ
କୁହ ତା'ର ନାମ କିଏ ?

ଉତ୍ତର– **ନୂଆ ପାଞ୍ଜି**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ବୋକା ବନାଉଥିବା ପ୍ରାଣୀ


ପିଲାମାନେ, କେବଳ ମନୁଷ୍ୟ ବୋକା ବନାଇ ନ ଥାନ୍ତି ପଶୁ-ପକ୍ଷୀ ବି ଏଥିରେ ପଛରେ ନାହାନ୍ତି ଏମାନେ ଏତେ ଚାଲାକ୍ ସହିତ ବୋକା ବନାଇ ଥାନ୍ତି ଯାହା ଏତେ ସହଜ ହୋଇ ନ ଥାଏ। ପଶୁ-ପକ୍ଷୀ ଏମାନେ ତାଙ୍କର ନିଜର ଫାଇଦା ପାଇଁ କିମ୍ବା ଶିକାର ପାଇଁ ତ ଆଉ କେବେ ନିଜ ଜୀବନ ରକ୍ଷା ପାଇଁ ଅନ୍ୟ ଜୀବଙ୍କୁ ବୋକା ବନାଇ ଥାନ୍ତି













ଆଙ୍ଗଲର ଫିଶ ମୁଖ୍ୟ ରୂପରେ ଆଣ୍ଟଲାଣ୍ଟିକ୍ ମହାସାଗରରେ ସମୁଦ୍ରର ବହୁତ ଗଭୀର ଏବଂ ଥଣ୍ଡା ପାଣିରେ ଦେଖିବାକୁ ମିଳିଥାନ୍ତି। ଏହି ଆଙ୍ଗଲର ଫିଶ୍ ଅନ୍ଧାରରେ ରହୁଥିବା ରହସ୍ୟମୟୀ ମାଛ। ଏହାର ମୁଣ୍ଡରେ ଏକ ଟର୍ଚ୍ଚ ପରି ଅଙ୍ଗ ରହିଛି। ଫଳରେ ଛୋଟ ମାଛ ଗୁଡିକ ଯେତେବେଳେ ଖାଦ୍ୟ ଭାବି ଏହା ନିକଟକୁ ଆସିଥାନ୍ତି ସେ ଏମାନଙ୍କୁ ଗିଳି ଦେଇଥାଏ।

## ୧ କୋଇଲି

କୋଇଲି କାଉକୁ ବୋକା ବନାଇ ଥାଏ। ମାଈ କୋଇଲି ବହୁତ ଚତୁର । ସେ ନିଜେ ବସା ବନାଇ ନ ଥାଏ। ସେ ଚତୁରତାର ସହିତ କେତେବେଳେ ଯାଇ କାଉ ବସାରେ ଅଣ୍ଡା ଦେଇ ଆସେ। କାଉ ତା' ଅଣ୍ଡା ଭାବି କୋଇଲି ଅଣ୍ଡାର ଯତ୍ନ ନେବା ସହ ତା' ଛୁଆର ମଧ୍ୟ ଯତ୍ନ ନେଇଥାଏ। ଦେଖିବାକୁ ଗଲେ କୋଇଲି ଅଣ୍ଡା ଏବଂ କାଉ ଅଣ୍ଡା ମଧ୍ୟରେ ବିଶେଷ କିଛି ଫରକ ଦେଖାଯାଏନି। ଏହି ପରି କୋଇଲି କାଉକୁ ବୋକା ବନାଇ ନିଜ ଅଣ୍ଡାର ଦେଖାଶୁଣା କାଉ ମାଧ୍ୟମରେ କରିଥାଏ।

## ୨ ମିମିକ୍ ଅକ୍ଟୋପସ

ମିମିକ୍ ଅକ୍ଟୋପସ୍ ଢ଼େଉ, ବାଲି ଏବଂ କାଦୁଅ ଥିବା ପାଣିରେ ରହୁଥିବା ଏକ ଅଜବ ପ୍ରକାର ଅକ୍ଟୋପସ୍ ଯିଏକି ଅଧିକତମ ସମୁଦ୍ର ଜୀବଙ୍କର ଶବ୍ଦକୁ ନକଲ କରିଥାଏ। ଏମାନେ ନିଜ ତ୍ୱଚାର ରଙ୍ଗ ବଦଳାଇବାରେ ଧୁରନ୍ଧର ହୋଇଥାନ୍ତି। ଏମାନେ ମୁଖ୍ୟ ରୂପରେ ଦକ୍ଷିଣ ପୂର୍ବ ଏସିଆ ବିଶେଷକରି ଇଣ୍ଡୋନେସିଆର ସୁଲୋବେସୀ ଦ୍ୱୀପ ନିକଟରେ ଦେଖିବାକୁ ମିଳିଥାନ୍ତି। କଳାକାର ପ୍ରକୃତିର ଉକ୍ତ ଅକ୍ଟୋପସ୍ ସମୁଦ୍ରର ଅନ୍ୟ ଜନ୍ତୁ ଯେପରି ଲାୟନ ଫିଶ୍ ଏବଂ ସମୁଦ୍ର ସାପଙ୍କର ନକଲ କରିଥାନ୍ତି। ଏମାନେ ନିଜ କଳାକୁ ଆଧାର କରି ସାମ୍ନାରେ ଥିବା ଶିକାରୀକୁ ଦେଖି ସେହି ଅନୁଯାୟୀ ଶବ୍ଦ କରିଥାନ୍ତି। ଫଳରେ ସେମାନେ ଜୀବକୁ ସହଜରେ ଡରାଇ ଶିକାର କରିବା ସହ ବୋକା ବନାଇ ଥାନ୍ତି।

## ୩ ଫୋର୍କ ଟେଲ୍ଡ ଡ୍ରୋଙ୍ଗୋ ବାର୍ଡ

ଫୋର୍କ ଟେଲ୍ଡ ଡ୍ରୋଙ୍ଗୋ ସାଧାରଣତଃ ଆଫ୍ରିକାର ସାହାରା ମରୁଭୂମିର ଦକ୍ଷିଣ ଭାଗରେ ଦେଖାଯାଇଥାନ୍ତି। ଏମାନେ ଖୋଲା ଘାସ ପଡିଆ, ବୁଦା ଏବଂ ହାଲ୍କା ଜଙ୍ଗଲରେ ରହିବାକୁ ପସନ୍ଦ କରିଥାନ୍ତି। ଉକ୍ତ ପକ୍ଷୀ ତା'ର କଟା ଲାଞ୍ଜ ଏବଂ ନିର୍ଭୟ ସ୍ୱଭାବ ପାଇଁ ବେଶ୍ ଜଣା ଯାଇଥାଏ। ଅନ୍ୟ ଜୀବଜନ୍ତୁଙ୍କ ଭଳି ଶବ୍ଦ ମଧ୍ୟ ସେ ନକଲ କରିଥାଏ। ଯେତେବେଳେ ମିୟରକେଟ୍ସ ନାମକ ପ୍ରାଣୀ ନିଜର ଖାଦ୍ୟ ସନ୍ଧାନ କରିଥାଏ ତେବେ ସେ ସମୟରେ ଡ୍ରୋଙ୍ଗୋ ମିଛରେ ଏକ ଶବ୍ଦ କରିଥାଏ। ଯାହା ଫଳରେ ମିୟରକେଟ୍ସ ଡରି ଯାଇ ନିଜର ଖାଦ୍ୟ ଛାଡି ଦୌଡିବାକୁ ଲାଗେ। ପୁଣି ଡ୍ରୋଙ୍ଗୋ ଏହାକୁ ଚୋରାଇ ନିଜ ପେଟ ଭରି ଦେଇଥାଏ।

## ୪ କିଲ୍‌ଡିଅର


କିଲ୍‌ଡିଅର ମୁଖ୍ୟତଃ ଉତ୍ତର, ମଧ୍ୟ ଏବଂ ଦକ୍ଷିଣ ଆମେରିକାର ଖୋଲା ଘାସ ପଡିଆଠାରେ କିମ୍ବା ନଦୀ କୂଳରେ ଦେଖିବାକୁ ମିଳିଥାନ୍ତି। ଯେତେବେଳେ କୌଣସି ଶିକାରୀ ଏମାନଙ୍କ ବସା ନିକଟକୁ ଆସିଥାଏ ତେବେ ସେ ସମୟରେ ତା'ର ଡେଣା ଛିଡିଗଲା ପରି ଅଭିନୟ କରିଥାଏ ଏବଂ ଭୂମିରେ ଧୀରେ ଧୀରେ ଛୋଟେଇ ଛୋଟେଇ ଚାଲିଥାଏ। ଫଳରେ ଶିକାରୀର ଧ୍ୟାନ ତା' ବସା ଉପରେ ନ ରହି ତା ଉପରେ ରୁହେ। ଏପରି ସେ ନିଜ ବସାକୁ ରକ୍ଷା କରିଥାଏ।

# ତୁମ ତୂଳୀରୁ

୧



୨


୩



୪


୫


୬


୭


୮


୧


**ସାଇଜିତ୍ ମହାନ୍ତି**
କ୍ଲାସ- ୬, ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୋପାଳପୁର, କଟକ

୨

**ଜିଗ୍ନେଶ କୁମାର ମହାନ୍ତି**
କ୍ଲାସ-୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୩

**ରୋଶନୀ ମିଶ୍ର**
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୌଦ୍ଧ

୪

**ଓମ୍ ଆଶୁତୋଷ ସାହୁ**
କ୍ଲାସ- ୧୦, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର

୫

**ଶୁଭଶ୍ରୀ ହାଁସଦା**
କ୍ଲାସ-୪, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ଉଦଳା, ମୟୂରଭଞ୍ଜ

୬

**ପିଏନ୍ ନନ୍ଦିଶ୍ ସାମନ୍ତରାୟ**
କ୍ଲାସ-ୟୁକେଜି, ଭିବଗ୍ୟୋର, ମାର୍ଶାଘାଇ, କେନ୍ଦ୍ରାପଡ଼ା

୭

**ଔରୋ ପ୍ରତୀକ ବେହେରା**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୮

**ପ୍ରତୀକ୍ଷା ନାଏକ**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୩, ଭୁବନେଶ୍ୱର